# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

**ଧର୍ମଗଡ଼/ଗୋଲାମୁଣ୍ଡା, ୧୫।୧୨ (ସମିସ):** ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗୋଲାମୁଣ୍ଡା ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ମନରେଗା ଯୋଜନାରେ ନିର୍ମିତ ଶହୀଦ ବିଜେନ୍ଦ୍ର ନାଥ ରାଉତ ସ୍ମୃତି ପାର୍କକୁ ଉଦ୍‌ଘାଟନ କରିଥିଲେ। ପରେ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ୍‌ରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭବାନୀପାଟଣା, ଗୋଲାମୁଣ୍ଡା, କର୍ଲାମୁଣ୍ଡା, କେସିଙ୍ଗା, ମ.ରାମପୁର, ନର୍ଲା, ଥୁଆମୁଳ ରାମପୁର ବ୍ଲକ ପାଇଁ ୧୭୨.୪୭ କୋଟି ମୂଲ୍ୟର ୬୦୦ ଗୋଟି ପ୍ରକଳ୍ପ ଲୋକାର୍ପଣ ଓ ୩୯୨.୭୪ କୋଟି ଅଟକଳ ମୂଲ୍ୟର ୧୧୭୭ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଦୟାମୟ ପାଢ଼ୀ ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ବିଜେପି



ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଉବସିନ୍ଧୁ ମଙ୍ଗରାଜ, ଜୁନାଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର, ବରିଷ୍ଠ ଓକିଲ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ୧ କୋଟି ୨୬ ଲକ୍ଷ ବିନିମୟରେ ଅଡିଟୋରିୟମ, ପଞ୍ଚାୟତ ସମିତି ଉନ୍ନୟନ ବିଭାଗ ପାଇଁ ରେକର୍ଡ ରୁମ୍‌ର ନୂତନ ଗୃହ, ପଞ୍ଚାୟତ ସମିତିରେ ଉନ୍ନୟନ ବିଭାଗ ପାଇଁ ନୂତନ କାର୍ଯ୍ୟାଳୟ କୋଠରୀର ଶିଳାନ୍ୟାସ, ନିର୍ମିତ ବ୍ଲକ ସଭାଗୃହକୁ ଉଦ୍‌ଘାଟନ କରିଥିଲେ।

# ଧାନ ଉଠାଣରେ ବିଳମ୍ବକୁ ନେଇ ତାତିଲେ ଚାଷୀ

## ମଣ୍ଡି ଅଧିକାରୀଙ୍କ ସହ କର୍ମଚାରୀଙ୍କୁ ପକାଇଲେ ତାଲା

**ଧର୍ମଗଡ଼, ୧୫।୧୨(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସ୍ଥିତ ତମ୍ବାଛଡା ମଣ୍ଡିରେ ଚାଷୀଙ୍କ ଧାନ ଉଠାଣ ରେ ବିଳମ୍ବ ଯୋଗୁଁ ଆଜି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଚାଷୀ ମଣ୍ଡି ପରିସରରେ ଧାରଣାରେ ବସି ବା ସହ ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଫିସର ଓ ମଣ୍ଡି ଅଧିକାରୀ ଓ ଧାନ କ୍ରୟ ଦାୟିତ୍ୱରେ ଥିବା ସ୍ୱ°ୟ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଙ୍କୁ ମଣ୍ଡି ଅଫିସ ରେ ତାଲା ପକାଇ ଦେଇଥିଲେ। ଧାନ ଉଠାଣ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା। ସୂଚନା ଯୋଗ୍ୟ ଯେ ଧର୍ମଗଡ଼ ବ୍ଲକ ତମ୍ବାଛଡା ଠାରେ ଥିବା ମଣ୍ଡିକୁ ଗତ ୧୧ ତାରିଖ ଦିନ ପୂଜାପାଠ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ମଣ୍ଡି ଖୋଲି ଥିଲେ ହେଁ ଆଜି ପର୍ଯ୍ୟନ୍ତ କିନ୍ତୁ ଗୋଟିଏ ବସ୍ତା ଧାନ ଉଠା ଯାଇନାହିଁ। ଏହାର ପ୍ରତିବାଦରେ ଶତାଧିକ ଚାଷୀ ଆଜି ମଣ୍ଡିରେ ଧାରଣା ଦେବା ସହ ନୋଡାଲ ଅଫିସର ଓ ମଣ୍ଡି ଅଧିକାରୀ ଓ ସଙ୍ଘ ସହାୟକ ଗୋଷ୍ଠୀର ସଦସ୍ୟା ଙ୍କୁ ମଣ୍ଡି ଅଫିସରେ ତାଲା ପକାଇ ଦେଇଥିଲେ। ପରେ ନୋଡାଲ ଅଫିସର ହେମନ୍ତ କୁମାର ରାଉତ ଧାନ ଉଠାଇବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥଲା। ଆସନ୍ତାକାଲି ମଣ୍ଡିରୁ ଧାନ ନ ଉଠିଲେ ଧର୍ମଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚାଷୀ ସମୀର ପଟ୍ଟଯୋଶୀ, ଶାନ୍ତ ପଟ୍ଟଯୋଶୀ, କଡିନ୍ଦ୍ର



ଗୋପାଳ, ବିଭୁଦତ୍ତ ପାତ୍ର, ଅକୁ ପଟ୍ଟଯୋଶୀଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଏହି ମଣ୍ଡିରେ ତମ୍ବାଛଡ଼ା, ମାଟିଆ, ତେଲି ପଲାସ, ଖନାତରା ଓ ତରଞ୍ଜା ପ୍ରଭୃତି ଗ୍ରାମର ୪୯୪ ଜଣ ଚାଷୀ ଧାନ ବିକ୍ରୀ ପାଇଁ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକୃତ ଚାଷୀଙ୍କ ଠାରୁ ୨୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଉକ୍ତ ମଣ୍ଡି ରେ ୧୦ ହଜାର କୁଇଣ୍ଟାଲ ଧାନ ଚାଷୀ ଆଣି ରଖିଥିଲେ ହେଁ, ଧାନ ଉଠାଣ ପାଇଁ ମଣ୍ଡି ସହ ଟ୍ୟାଗ୍ ହୋଇଥିବା ଭବାନୀପାଟଣାର ମାତୃ ଶକ୍ତି ମିଲର୍ସର ଦେଖାନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ପୁନଶ୍ଚ ବିଭିନ୍ନ ସମୟରେ ମା'ବୃନ୍ଦାବତୀ ସ୍ୱଙ୍ଗ ସହାୟକ ଗୋଷ୍ଠୀ ନାମରେ ନାନା ଅନିୟମିତତା ଅଭିଯୋଗ ହୋଇ ଆସୁଥିଲେ ହେଁ ଗତ ୫ବର୍ଷ ହେଲା ଉକ୍ତ ସଙ୍ଘସହାୟକ ଗୋଷ୍ଠୀକୁ ହିଁ ମଣ୍ଡି ଦାୟିତ୍ୱ ଦିଆଯିବା ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ୨୭୯ ନୂତନ ପ୍ରକଳ୍ପ ଶିଳାନ୍ୟାସ



**କୋକସରା, ୧୫।୧୨(ସମିସ):** ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୋମବାର କୋକସରା ବ୍ଲକ ସଦର ମହକୁମାସ୍ଥିତ ଗୁଡହାଣ୍ଡି ଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ଶ୍ରୀନାୟକ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କୁ ଦର୍ଶନ କରିବା ପରେ କୋକସରାସ୍ଥିତ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀଅଧିକାରୀ ଜିଲ୍ଲାପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀନାୟକ ଧର୍ମଗଡ଼, କୋକସରା, କଳମପୁର, ଜୟପାଟଣା ଓ ଜୁନାଗଡ଼ ବ୍ଲକ ନିମନ୍ତେ ୩୯.୯୨ କୋଟି ଅଟକଳ ମୂଲ୍ୟରେ ୧୭୨ପ୍ରକଳ୍ପର ଲୋକାର୍ପଣ ଓ ୨୪୬. ୪୫ କୋଟି ଅଟକଳ ମୂଲ୍ୟର ୨୭୯ ଗୋଟି ନୂତନ ପ୍ରକଳ୍ପ ଶିଳାନ୍ୟାସ କରିବା ସହ ଡିସେମ୍ବର ସୁଦ୍ଧା ସମଗ୍ର ଜିଲ୍ଲାରେ ପାନୀୟ ଜଳ ଯୋଗାଇ ଦେବାନେଇ ପ୍ରତିଶ୍ରୁତି ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରୀତା ଅଗ୍ରୱାଲ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ବିଡିଓ ଡ଼.ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଓଙ୍କେଡ ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ଜଣେ ଗିରଫ

**ଗୋଲାମୁଣ୍ଡା/ଧର୍ମଗଡ଼, ୧୫।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଚିଚିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ତାର ଚୋରି କରିଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଚିଚିଆ ଗ୍ରାମର ରାଜୁ ସରାପ। ପୁଲିସ ପକ୍ଷରୁ ସୂଚନା ଯେ ଗତ ୧୨ ତାରିଖ ଦିନ ରାଜୁ ସରାପ ଚାହାରବାହାଲ ଗ୍ରାମର କିଛି ବ୍ୟକ୍ତିଙ୍କୁ ଲଗେଇ ଚିଚିଆ ବଡ଼ଜୋରକୁ ସଂଯୋଗ କରୁଥିବା ବିପିଏଲ ବିଦ୍ୟୁତ ଖୁଣ୍ଟରୁ ତାର କାଟୁଥିବା ଦେଖି ସେହି ଗାଁ ର ପ୍ରଭଞ୍ଜନ ସରାପ ବିଦ୍ୟୁତ୍ ତାର କାଟିବାକୁ ମନା କରିଥିବା ବେଳେ ପ୍ରଭଞ୍ଜନ ସରାପଙ୍କୁ ଉକ୍ତ ଗାଁର ରାଜୁ ସରାପ ଓ ତାଙ୍କ ସହଯୋଗୀମାନେ ଲୁହା ରଡ ଦେଖେଇ ଏହି ବିଷୟରେ କାହାକୁ କହିବୁ ନାହିଁ ଯଦି କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସେଠାରୁ ସେ ଘରକୁ ଆସି ଦଶପୁର ଫାଣ୍ଡି ପୁଲିସ ଓ ଧର୍ମଗଡ଼ ବିଦ୍ୟୁତ ବିଭାଗ ଏସଡିଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇଲା କ୍ଷଣି ତୁରନ୍ତ ଉକ୍ତ ସ୍ଥାନକୁ ଦସପୁର ଫାଣ୍ଡି ପୁଲିସ ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ସହ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଚୋରମାନଙ୍କ ନିକଟରୁ ୬୦୦ ମିଟର ବିଦ୍ୟୁତ୍ ତାର (ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର) ପୁଲିସ ଜବତ କରିବା ସହ



ଅଭିଯୁକ୍ତ ଚୋର ରାଜୁ ସରାପକୁ ଗିରଫ କରି ଗୋଲାମୁଣ୍ଡା ଥାନାକୁ ଆଣି ପଚରା ଉଚୁରା କରିବା ସହ ଗୋଲାମୁଣ୍ଡା ଥାନା କେଶ କେଶ ନମ୍ବର ୨୦୯/୨୫ ଏବଂ ୨୧୦ / ୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତକୁ ରବିବାର କୋର୍ଟ ଚାଲାଣ କରିଥିବା ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**କୋମନା, ୧୫।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି।ବିଡିଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟଭାଇ ଢୋଲକିଆ, ମୁଖ୍ୟବକ୍ତା ଜିଲ୍ଲାପାଳ ମଧୁସୁଦନ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦିପିକା କୌଶଲ୍ୟା ଦୀପ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ.ସୁଖେନ୍ଦୁ ରାୟ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ



ମୁରଲୀ ଭୋଇ ଓ ଅବନୀ ରଞ୍ଜନ ଯୋଷୀ, ସାଂସଦ ପ୍ରତିନିଧି ଚନ୍ଦନ ଠାକୁର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ବଖାଣିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ପାଇଁ ୮ ଜଣ ଚାଷୀଙ୍କୁ ସମ୍ମାନିତ କରାଯିବା ସହ ୫ଜଣ ଚାଷୀଙ୍କୁ ପ୍ରାଣୀ ପାଳନ ପାଇଁ ସହାୟତା ରାଶି ସହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।ମେଳାରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪ଟି ଷ୍ଟଲ, ମତ୍ସ୍ୟ ବିଭାଗର ୪ଟି ଷ୍ଟଲ, ମିଶନ ଶକ୍ତିର୨ଟି ଷ୍ଟଲ, ଓ ଓମଫେଡର ୨ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ପ୍ରାଣୀ ଚିକିତ୍ସକ ଡ.ଲିଲାମୟ ସାହୁ, ତରବୋଡ ପ୍ରାଣି ଚିକିତ୍ସକ ଡ.ବିକାଶ ଭୋଇ, ପ୍ରାଣୀଧନ ନିରିକ୍ଷକ ଶ୍ରୀବନ୍ତ ପାଢ଼ୀ, ଶ୍ରଦ୍ଧାଞ୍ଜଳି ସାହୁ, ଆନନ୍ଦ ମୋହନ ସେଠୀ, କୈବଲ୍ୟ ରଣା, ସିତାଂଶୁ ମୋହନ ଦାସ, ବୈଷ୍ଣବ ମାଝୀ, କିରଣ କୁମାର ପ୍ରଧାନ, ୟୁନୁସ ମହମ୍ମଦ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ। ଡ. ସାଗର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମତ୍ସ୍ୟ ଅଧିକାରୀ ବିଷ୍ଣୁପ୍ରସାଦ ଦ୍ୱାରି ଧନ୍ୟବାଦ ଦେଇଥିଲେ।

## ସରକାର ବଦଳିବା ପରେ ଅଲୋଡ଼ା ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ

# ରକ୍ଷଣାବେକ୍ଷଣ ଅଭାବରୁ ଲୋକଙ୍କ ସେବାରେ ଆସୁନି

**କେସିଙ୍ଗା, ୧୫।୧୨(ସମିସ):** ଗ୍ରାମାଞ୍ଚଳର ଲୋକ ଓ ଛାତ୍ରଛାତ୍ରୀଙ୍କୁ ବ୍ଲକ ମୁଖ୍ୟାଳୟ ଓ ଶିକ୍ଷାନୁଷ୍ଠାନ କୁ ସହଜରେ ଓ ସୁବିଧାରେ ନେବା ଆଣିବା କରିବା ପାଇଁ ବିଜେଡି ସରକାର ଅମଳରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଲକ୍ଷ୍ମୀବସ୍ ସେବା ଆରମ୍ଭ ହୋଇଥିଲା। ଯେଉଁଥିରେ କେବଳ ୫ ଟଙ୍କାରେ ସାଧାରଣଜନତା ଓ ବିନା ମୂଲ୍ୟରେ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯିବା ଆସିବା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଯାହା ୨୦୨୩ ମସିହା ନଭେମ୍ବର ମାସ ୧ ତାରିଖ ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା।ସେହି ମର୍ମରେ କଳାହାଣ୍ଡି ଜିଲ୍ଲା ଭାଗରେ ୬୩ ଟି ଲକ୍ଷ୍ମୀବସ୍ ମିଳିଥିଲା ଓ କେସିଙ୍ଗା ବ୍ଲକକୁ ମିଳିଥିଲା ୪ଟି ବସ୍ କିନ୍ତୁ କେସିଙ୍ଗାକୁ ଆସିଥିଲା ୩ଟି ବସ୍ ବେଶ ସୁନ୍ଦର ଭାବରେ ବସ୍ ଜନତାଙ୍କୁ ବ୍ଲକ ସମୟରେ ବ୍ଲକ ମୁଖ୍ୟାଳୟ ଓ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଆଣି ପୁଣି ସମୟରେ ନେଇ ନିଜ ଗ୍ରାମରେ ଛାଡି ଦେଉଥିଲା। ଉକ୍ତ ଲକ୍ଷ୍ମୀ ବସ ସେବା ସେହି ସମୟରେ ବହୁତ ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଥିଲା।ପରେ ତତ୍କାଳୀନ ବିଜେଡି ସରକାର ପ୍ରତି ପଞ୍ଚାୟତ ଓ ମୁଖ୍ୟଛକମାନଙ୍କରେ ଲୋକଙ୍କ ସୁବିଧା





ପାଇଁ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରତ୍ୟେକ ବସଷ୍ଟାଣ୍ଡ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟରେ ଅତି ସୁନ୍ଦର ଭାବରେ ନିର୍ମାଣ କରାଗଲା।ଲୋକେ ମଧ୍ୟ ଖରା ବର୍ଷା ଶୀତରୁ ରକ୍ଷା ପାଇବା ପାଇଁ ଓ ବସ୍‌କୁ ଅପେକ୍ଷା କରିବା ପାଇଁ ସୁନ୍ଦର ଭାବରେ ବସ୍‌ଷ୍ଟାଣ୍ଡର ସୁବିଧା ପାଇଲେ।ହେଲେ ୨୦୨୪ ମସିହାରେ ଓଡ଼ିଶାରେ ନୂତନ ସରକାର ଗଠନ ହେବା ପରେ ଲୋକଙ୍କ ସୁବିଧା ପାଇଁ ନିର୍ମିତ ହୋଇଥିବା ଲକ୍ଷ୍ମୀ ବସଷ୍ଟାଣ୍ଡର ରକ୍ଷଣବେକ୍ଷଣ ଉପରେ ଧ୍ୟାନ ନ ଦେବାରୁ ବର୍ତ୍ତମାନ କିଛି ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ ହୋଇଯାଇଛି।ଲୋକଙ୍କ ସେବା ଓ ସମସ୍ୟାର ସମାଧାନ କରିବା ପାଇଁ ଆସିଥିବା ନୂତନ ସରକାର ଲୋକଙ୍କ ସେବାରେ ଆସୁଥିବା ଲକ୍ଷ୍ମୀ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣର ଦାୟିତ୍ୱରୁ ମୁହଁ ମୋଡ଼ିବା କେତେ ଦୂର ଯୁକ୍ତିଯୁକ୍ତ ତାହା ଆଗାମୀ ଦିନରେ ଆକଳନ କରାଯିବ। ସେମିତି ବସ୍‌ଷ୍ଟାଣ୍ଡ କେସିଙ୍ଗା ତହସିଲ ଅଫିସ ପାଖରେ ନିର୍ମାଣ କରାଯାଇଥିଲା କାରଣ ସେହି ପାଖରେ କୋର୍ଟ, ତହସିଲ ଅଫିସ, ଅବକାରୀ କାର୍ଯ୍ୟାଳୟ, ଟ୍ରେଜେରି ଅଫିସ, ଆରଡି ବିଭାଗ ଅଫିସ ସମେତ କିଛି ଦୂରରେ କେସିଙ୍ଗା ମହାବିଦ୍ୟାଳୟ ମଧ୍ୟ ଅବସ୍ଥିତ ରହିଛି।ସେହି ରୁଟରେ ଲକ୍ଷ୍ମୀବସ ମଧ୍ୟ ଚଳାଚଳ କରୁଛି ଠିକ ଅଛି ବର୍ତ୍ତମାନ ନୂତନ ସରକାର ଲକ୍ଷ୍ମୀବସର ନାମ ବଦଳାଇ ଦେଇଛି ହେଲେ ଲୋକଙ୍କ ସେବାରେ ସୁରୁଖୁରୁରେ ବସ୍ ଚାଲିଛି। ତହସିଲ ଅଫିସ ପାଖରେ ଥିବା ବସ୍‌ଷ୍ଟାଣ୍ଡ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଜରାଜୀର୍ଣ୍ଣ ହୋଇ ଯାଇଛି ଅନାବନା ଗଛପତ୍ରରେ ଲୁଚି ଯାଇଛି ବସ୍‌ଷ୍ଟାଣ୍ଡ। ରାତ୍ରି ହେଲେ ମଦୁଆଙ୍କ ଆସର ଜମୁଛି ଉକ୍ତ ବସଷ୍ଟାଣ୍ଡରେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଯଥା ଶୀଘ୍ର ଲୋକଙ୍କ କାମରେ ଆସୁଥିବା ଉକ୍ତ ବସଷ୍ଟାଣ୍ଡର ମରାମତି ଓ ସଫା ସୁତୁରା କରି ବସ୍‌ଯାତ୍ରୀଙ୍କ ସେବାରେ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

# କେଭିଏସ୍ ଫାଉଣ୍ଡେସନ୍ ଡେ ପାଳିତ





**ଭବାନୀପାଟଣା, ୧୫।୧୨ (ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟନାରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ (କେଭିଏସ) ଫାଉଣ୍ଡେସନ୍ ଡେ ପାଳନ ହୋଇଯାଇଛି।ପୁରାତନ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଭିଏମସି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କେଭିଏସର ବିକାଶ ଯାତ୍ରା, କାର୍ଯ୍ୟାନ୍ୱୟନ, ନୂତନ ପରିକଳ୍ପନା ଓ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ବନ୍ଧୀୟ ପ୍ରଦର୍ଶନ। ପୁରାତନ ଛାତ୍ରଛାତ୍ରୀଙ୍କ ଅନୁପ୍ରେରଣାଦାୟକ ଆଲୋଚନା ଛାତ୍ରଙ୍କ ମନକୁ ଉତ୍ସାହିତ କରିଥିଲା। ଏହାସହିତ ବିଦ୍ୟାଳୟ ପରିବାର କେଭିଏସ୍ ମୁଖ୍ୟାଳୟ ନୂଆଦିଲ୍ଲୀରୁ ପ୍ରସାରଣ ହୋଇଥିବା କେନ୍ଦ୍ରୀୟ ଉତ୍ସବ କାର୍ଯ୍ୟକ୍ରମର ଲାଇଭ୍ ଦେଖିଥିଲେ।ବିଦ୍ୟାଳୟ ଆଧ୍ୟକ୍ଷ ଭୀମସେନ ପଣ୍ଡା ସମସ୍ତ ଶିକ୍ଷକ, କର୍ମଚାରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇ, ଗୁଣାତ୍ମକ ଶିକ୍ଷା ଓ ଜାତି ନିର୍ମାଣ ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁର୍ନବ୍ୟକ୍ତ କରିଥିଲେ।

# ୨୦ ଅଭିଯୋଗରେ ଜନଶୁଣାଣି ଶେଷ

**କେସିଙ୍ଗା, ୧୫।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।ଜିଲ୍ଲାପାଳ ସଚିନ ପାୱାର ରମେଶ ଓ ଜିଲ୍ଲା ପୋଲିସ ମୁଖିଆ ନାଗରାଜ ଦେବରକୋଣ୍ଡା ଙ୍କ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଜନଶୁଣାଣିରେ ମାତ୍ର ୨୦ଟି ଅଭିଯୋଗ ସୁଚିବଦ୍ଧ ହୋଇଥିଲା। ଦୁଇମାସ ବ୍ୟବଧାନରେ ଜିଲ୍ଲାପାଳ ଜନଶୁଣାଣି ହେଉଥିବା ବେଳେ ଲୋକେ ନିଜର ଅଭିଯୋଗ ଧରି କାହିଁକି ଆସୁନାହାନ୍ତି ଜଣା ପଡୁନାହିଁ। ଲୋକଙ୍କ ଅଭିଯୋଗ ସରିଯାଇଛି ନା ଲୋକେ କେବେ ଓ କେଉଁଠି ଜନଶୁଣାଣି ହେବ ଖବର ପାଇପାରୁ ନାହାଁନ୍ତି ଜଣାପଡୁନାହିଁ। ଦେଖିବାକୁ ଗଲେ ଜନଶୁଣାଣିର ତାରିଖ ଓ ସମୟ ପ୍ରଚାରପ୍ରସାର ହେଉନାହିଁ। ଜନଶୁଣାଣିର ପ୍ରଚାର ପ୍ରସାର ପ୍ରତି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଧ୍ୟାନ ଦେଇ ଅଭିଯୋଗ ଶୁଣାଣିର ସପ୍ତାହେ ଆଗରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ବ୍ଲକର ସମସ୍ତ ପଞ୍ଚାୟତରେ ଯାଇ ପ୍ରଚାର ପ୍ରସାର କଲେ ଗ୍ରାମାଞ୍ଚଳର ଲୋକେ ତାରିଖ ସମୟରେ ନିଜ ଅଭିଯୋଗ ଧରି ଆସନ୍ତେ ବୋଲି ଚର୍ଚ୍ଚା ହେଉଛି।



## ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

# ଜୀବନଚର୍ଯ୍ୟା ଓ ଜୀବନାଦର୍ଶର ପ୍ରତିଫଳନ ହିଁ ନାଟକ

**ଭବାନୀପାଟଣା, ୧୫।୧୨(ସମିସ)**

ଜନଜୀବନ ଓ ଜୀବନଚର୍ଯ୍ୟାର ଅବିଚ୍ଛେଦ ଅଙ୍ଗ ହିଁ ନାଟକ। ମଞ୍ଚ କଳାକାରଙ୍କ ବାର୍ତ୍ତା ସାମାଜିକ ମୂଲ୍ୟବୋଧର ଏକ ସର୍ବକାଳୀନ ଅଲିଖିତ ଇସ୍ତାହାର। ଶିଶୁମାନଙ୍କ ଭିତରେ ନାଟକର ପ୍ରଭାବ ସର୍ବାଧିକ ହେତୁ ସମାଜ ପାଇଁ ନାଟକ ସଂସ୍କୃତି ଓ ଚଳଣିର ଜୀବନ୍ତ ଆଲେଖ୍ୟବୋଲି ସଙ୍ଗମ ଅନୁଷ୍ଠାନର ଦ୍ୱାଦଶ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥି ବକ୍ତାଗଣ ମତବ୍ୟକ୍ତ କରିଥିଲେ। ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ତଥା ସମ୍ମାନିତ ଅତିଥି ଭାବେ ଉତ୍କଳ ଆଲୁମିନାର ସିଏସଆର୍ ଅଧିକାରୀ ଦିଗନ୍ତ ମହାନ୍ତି, ଆସିଷ୍ଟାଣ୍ଟ ମ୍ୟାନେଜର ସିଏସଆର୍, ଉତ୍କଳ ଆଲୁମିନା ଏବଂ ମଧୁବନ ନାଏକ, ସିଭିଲ







ବିଭାଗ, ଉତ୍କଳ ଆଲୁମିନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିବାବେଳେ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଇ ଅବସରରେ ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ରଚିତ ଓ ନିର୍ଦ୍ଦେଶିତ ଅନୁଷ୍ଠାନର ବହୁ ଚର୍ଚ୍ଚିତ ନାଟକ 'ଗରହନ୍'ମଞ୍ଚସ୍ଥ ହୋଇଥିଲା। ନାଟକ ପ୍ରତିଯୋଗିତାର ବିଚାରପତି ଭାବେ ଶାନ୍ତନୁ କୁମାର ମୁଣ୍ଡ ଡ.ଉମେଶ ଚନ୍ଦ୍ର ଶତପଥୀ, ଡ.କୈଳାସ ଚନ୍ଦ୍ର ଦାଶ ଏବଂ ନୃତ୍ୟବିଭାଗର ବିଚାରପତି ଭାବେ ହରିଶ୍ଚନ୍ଦ୍ର ମୁଣ୍ଡ, ରଜନୀକାନ୍ତ ମୁନୀ ଓ ରାଜେଶ ନାଏକ ଦାୟିତ୍ୱ ନିଭାଇଥିଲେ। ଚଳିତ ବର୍ଷର ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଦେବସ୍ମିତା ସାବତ(ନାଟକ କାନ୍ଦୁଛି ବନାନୀ), ଶ୍ରେଷ୍ଠ ଅଭିନେତା ସାଇ ଅଭିଡିତ ଦାଶ (ନାଟକ ବସୁନ୍ଧରାର ଆହ୍ୱାନ), ଶ୍ରେଷ୍ଠ ଚରିତ୍ର ଅଭିନେତା ଦିବ୍ୟ ରଞ୍ଜନ ବିଶ୍ୱାଳ(ବସୁନ୍ଧରାର ଆହ୍ୱାନ), ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ପ୍ରତ୍ୟାଶା ପରାଶର (ମା'ର ପନତକାନୀ), ଶ୍ରେଷ୍ଠ ଖଳନାୟକ ଦୀପିକା ନାୟକ (ଉଡାନ), ଶ୍ରେଷ୍ଠ ହସ୍ୟାଭିନେତା ଯୁଗ୍ମ ଭାବେ ଶ୍ରୀମାନ ପାଣିଗ୍ରାହୀ ଓ ଆୟୁଷ ବାରିକ (ବସୁନ୍ଧରାର ଆହ୍ୱାନ), ନାଟକ ଛେଟକା ଶ୍ରେଷ୍ଠ ଶୃଙ୍ଖଳିତ ଦଳ, ଶ୍ରେଷ୍ଠ ସଙ୍ଗୀତ ପାଇଁ ଜୟରାମ ସାହୁ (ବସୁନ୍ଧରାର ଆହ୍ୱାନ), ବାରିପଦାର ନାଟକ କାନ୍ଦୁଛି ବନାନୀ ଶେଷ୍ଠ ପ୍ରଯୋଜନା ସହ ତ୍ରିଲୋଚନ ସାହୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଅଜିତ ପାଣିଗ୍ରାହୀ ଶେଷ୍ଠ ନାଟ୍ୟକାର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ।ସେହିପରି ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଭାବେ ରାଇସା ସାନ୍ୟା(କନିଷ୍ଠ) ଓ ଅନ୍ୱେଷା ମିଶ୍ର (ବରିଷ୍ଠ) ପୁରସ୍କୃତ ହୋଇଥିଲେ। ଚତୁର୍ଦ୍ଦିବସୀୟ ଶିଶୁ ଉତ୍ସବରେ ଆଲୋଚନା ଚକ୍ର ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୨ଟି ଶିଶୁ ନାଟକ ପରିବେଷିତ ହୋଇଥିଲା। ପରେ କଳାହାଣ୍ଡିଆ ଲୋକନୃତ୍ୟ ଓ ବୀରବାଦ୍ୟ ଘୁମୁରା ପରିବେଷଣ କରାଯାଇଥିଲା।

# ଗଜାନନ କ୍ରିକେଟ୍ କପ୍ ; ବଡ ଡୁଙ୍ଗୁରୀଗୁଡା ଚାମ୍ପିଅନ

**ଭବାନୀପାଟଣା ୧୫।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ଭୋଇରମୁଣ୍ଡାର ଗଜାନନ ଯୁବକ ସଂଘ ପକ୍ଷରୁ ଗଜାନନ କ୍ରିକେଟ୍ କପ୍ ଭୋଇରମୁଣ୍ଡା ଅନୁଷ୍ଠିତ ହୋଯାଇଅଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ୧୬ଟି ଦଳକୁ ନେଇ ଆରମ୍ଭ ହୋଇ ଫାଇନାଲ ମ୍ୟାଚ୍ ବଡ ଡୁଙ୍ଗୁରୀଗୁଡା ଓ ତେରେସିଙ୍ଗା ମଧ୍ୟରେ ହୋଇ ଥିଲା।



ବଡ଼ ଡୁଙ୍ଗୁରୀଗୁଡା ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇ ମଇଦାନକୁ ଓହ୍ଲାଇଥିଲେ। ତେରେସିଙ୍ଗା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଆସି ନିର୍ଦ୍ଧାରିତ ୧୦ ଓଭର ରେ ୬ ୱିକେଟ୍ ହରାଇ ୯୦ରନ ସଂଗ୍ରହ କରିଥିଲେ। ବଡ଼ ଡୁଙ୍ଗୁରୀଗୁଡା ଦଳ ୯୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଦୁଇ ବ୍ୟାଟ୍ ମ୍ୟାନ୍ ପଡ଼ିଆକୁ ଓହ୍ଲେଇଥିଲେ। ବଡ଼ ଡୁଙ୍ଗୁରୀଗୁଡା ଦଳ ୭ ୱିକେଟ୍‌ରେ ଦଶମ ଓଭରର ପ୍ରଥମ ଦଳକୁ ୬ ରନ୍ କରି ସୁଜିତ୍ ନିଜ ଟିମ୍‌କୁ ଚାମ୍ପିଅନ୍ କରିଥିଲେ। ମ୍ୟାନ ଅପ୍ ଦ ମ୍ୟାଚ୍ ସୁବ୍ରତ ନାଗ୍ ପାଇଥିବା ବେଳେ ମ୍ୟାନ ଅପ୍ ଦି ସିରିଜ୍ ମନୋରଞ୍ଜନ ଗହିର ଘୋଷିତ ହୋଇଥିଲେ। ଉଭୟ ଦଳକୁ ସମସ୍ତ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ଚେକ୍ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କଳାହାଣ୍ଡି ପୁଷ୍ପେନ୍ଦ୍ର ସିଂହଦେଓ, ଅବିଶିଷ୍ଟ ଅତିଥି ଭାବେ ରେଗଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଦିପ୍ତିରାଣୀ ସାହୁ ଯୁବ ସମାଜସେବୀ ନୀଳମାଧବ ସିଂହଦେଓ, ନୀଳାମ୍ବର ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ ପରିଡ଼ା, ଏଡିଇ ଓ ଗୁଣନିଧି କୁମାର, ଭିକାରୀ କୁମାର, ଖୁସିରାମ ସାହୁ, ମହାଦେବ ସାହୁ, ତରୁଣୀ ସାହୁ, ଘନ ସାହୁ, ଜଗତରାମ ସାହୁ, ଦୁର୍ଜନ ସାହୁ, କରୁଣା ସାହୁ, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟରେ ବୀର କିଶୋର ଦୀପ ଓ ଘନଶ୍ୟାମ ଭୋଇ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱ କ୍ଷିତିସ ମାଝୀ କରିଥିବା ବେଳେ ଧାରା ବିବରଣୀ ଗୁଣନିଧି କୁମାର ଓ ଦେବରାଜ ବିଭାର ଧାରା ବିବରଣୀ ପ୍ରଦାନ କରିଥିଲେ।

# କାର୍ ଧକ୍କାରେ ସ୍କୁଟି ଚାଳକ ମୃତ

**ଧର୍ମଗଡ଼, ୧୫ ।୧୨(ସମିସ)**



କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜୁ ଏକ୍ସପ୍ରେସ ୱେରେ ଏକ ସ୍କୁଟିକୁ ସଫାରୀ ଗାଡି ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ଧର୍ମଗଡ଼ ବ୍ଲକ ଥନଟ ଗ୍ରାମର ଡ୍ରାଇଭର ଲିଙ୍ଗରାଜ ଦୁର୍ଗା ଓ ଏବଂ ଗୁରୁତର ବ୍ୟକ୍ତି ଜଣକ ଲଳିତ ତାଣ୍ଡି । ଗୁରୁତର ଲଳିତକୁ ଉଦ୍ଧାର କରି ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଓ ପରେ ରାଇପୁର ଡାକ୍ତରଖାନାକୁ ନେଇଛନ୍ତି ।ଗୁରୁତର ଜଣଙ୍କର ଅବସ୍ଥା ଅତି ସଂକଟାପନ୍ନ ରହିଛି ବୋଲି ପରିବାର ଲୋକେ କହିଛନ୍ତି । ସୂଚନା ଥାଉ କି ଲିଙ୍ଗରାଜ ଏବଂ ତାଙ୍କ ସାଙ୍ଗ ଲଳିତ ତାଙ୍କ ଗାଁ ଥନଟରୁ ଓଡି ୦୮ ପି-୬୦୯୭ ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ଧର୍ମଗଡ଼କୁ ଯାଉଥିବା ବେଳେ କେବିଡି ଛକ ବିଜୁ ଏକ୍ସପ୍ରେସ ୱେରେ ସିଜି୧୮ କେ-୯୭୦୬ ନମ୍ବର ବିଶିଷ୍ଟ ସଫାରୀ ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଥିଲା । ମୃତକ ପରିବାରଙ୍କୁ କ୍ଷତିପୂରଣ ଦାବି ନେଇ ଗ୍ରାମବାସୀ ଓ ଡ୍ରାଇଭର ସଙ୍ଘ ପକ୍ଷରୁ ବିଜୁ ଏକ୍ସପ୍ରେସ ୱେରେ ରାସ୍ତା ଅବରୋଧ କରିଥିଲେ । ଘଟଣା ଅତ୍ୟଧିକ ଉତ୍ତେଜିତ ହୋଇ ଥିବାରୁ ଉତ୍ତେଜିତ ଲୋକଙ୍କୁ ବୁଝାଇବା ଲାଗି ପୁଲିସକୁ ନାକେଦମ ହେବାକୁ ପଡ଼ିଛି । ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝା ସୁଝା କରିଥିଲେ ବି ଆନ୍ଦୋଳନକାରି ତାଙ୍କ ଜିଦରେ ଅଟଳ ରହିଛନ୍ତି ।

କେସିଙ୍ଗା ମେଡିକାଲ

# ଚିକିତ୍ସା ଅବହେଳାରୁ ମାଆ- ନବଜାତକର ମୃତ୍ୟୁ ଅଭିଯୋଗ

**କେସିଙ୍ଗା, ୧୫ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପ୍ରୟାଗ ପ୍ରତିଶ୍ରୁତି ମାଝୀଙ୍କ ନାମରେ ସୁରଜିତ ମାଝୀ । ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଗିଗୀନା ପଞ୍ଚାୟତର ଚୌକିପଦର ଗ୍ରାମର ସୁରଜିତ ମାଝୀ ନିଜର ପତ୍ନୀର ଡେଲିଭରି ପାଇଁ ୧୩ ତାରିଖ ଦିନ କେସିଙ୍ଗା ମେଡିକାଲକୁ ଆଣିଥିଲେ ।ଲିଖିତ ଅଭିଯୋଗ ଅନୁଯାୟୀ ଚିକିତ୍ସାରେ ଅବହେଳା ଯୋଗୁଁ ତାଙ୍କ ସ୍ତ୍ରୀ ଓ ନବଜାତ ଶିଶୁପୁତ୍ର ଜୀବନ ଚାଲିଯାଇଛି । ଉପଯୁକ୍ତ ସେବା ନ ପାଇ ପ୍ରଥମେ ତାଙ୍କ ସ୍ତ୍ରୀ ମେଡିକାଲ ଶୌଚାଳୟରେ ଏକ ପୁତ୍ରକୁ ଜନ୍ମ ଦେଇଥିଲେ ଓ ଶିଶୁଟି ମୃତ ଘୋଷଣା କରିଥିଲେ ଡାକ୍ତର । ପରେ ମାଁ



ବେଲମତି ମାଝୀଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ଜିଲ୍ଲା ମେଡିକାଲଙ୍କୁ ଆମ୍ବୁଲାନ୍ସ ରେ ନେଉଥିବା ବେଳେ ପାଷ୍ଟିକୁଡ଼ି ପାଖରେ ବେଲାମତିଙ୍କ ମଧ୍ୟ ଜୀବନ ଚାଲିଯାଇଥିଲା ।ପରେ ତାଙ୍କ ସ୍ୱାମୀ ଚିକିତ୍ସାରେ ଅବହେଳା ଯୋଗୁଁ ମୋର ସ୍ତ୍ରୀ ଓ ନବଜାତ ଶିଶୁ ପୁତ୍ରର ଜୀବନ ଯାଇଛି କହି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ଆମେ ଉକ୍ତ ବିଷୟର ସତ୍ୟା ସତ୍ୟ ଜାଣିବା ପାଇଁ କେସିଙ୍ଗା ମେଡିକାଲର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଯାହାଙ୍କ ନାମରେ ଅଭିଯୋଗ ଆସିଛି ତାଙ୍କର ପ୍ରତିକ୍ରିୟା ନେବାପାଇଁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ମେଡମ ମୋବାଇଲ୍ ଉଠାଇ ବାରମ୍ବାର କାଟି ଦେଇଥିଲେ ।

# ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

**କୋକସରା, ୧୫ ।୧୨ (ସମିସ):** ମାଛ ଧରିବାକୁ ଯାଇ ସୋମବାର କୋକସରା ଥାନା ଲଡୁଗାଁ ଛେଲିଆପଡ଼ାର ଟିକଚନ ନାଗ (୫୫)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେ ନିକଟସ୍ଥ କେନାଲକୁ ମାଛ ଧରିବାକୁ ଯାଇ କେନାଲ ପାଣିରେ ବୁଡ଼ି ଯାଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକ ଦେଖି ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ ସେଠାକୁ ଯାଇ ଉଦ୍ଧାର କରି କୋକସରା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ତେବେ ଡାକ୍ତର ତଟିକଚନଙ୍କୁ ମୃତ୍ୟ ଘୋଷଣା କରିଥିଲେ ।ସନ୍ଧ୍ୟା ହେବା କାରଣରୁ ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବା ନେଇ ସୂଚନା ରହିଛି । ଟିକଚନ ପରିବାର ଏକମାତ୍ର ରୋଗଗାରକ୍ଷମ ବ୍ୟକ୍ତି ଥିବାରୁ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।

# ପିସ୍ତଲ ଚାଳନାରେ ଜାତୀୟସ୍ତରରେ ଖେଳିବେ ବିଦୁସ୍ମିତା

**ମ.ରାମପୁର, ୧୫ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରର କୁନି ଝିଅ ବିଦୁସ୍ମିତା ସାହୁ ପିସ୍ତଲ ଚାଳନା ରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ଇକୋଲ୍ ଗ୍ଲୋବାଲ୍



ଗାର୍ଲ୍ସ ଇଣ୍ଟର ନ୍ୟାସନାଲ ସ୍କୁଲ, ଡେରାଡୁନ୍‌ର ସପ୍ତମ ଶ୍ରେଣୀର ଛାତ୍ରୀ ବିଦୁସ୍ମିତା ଆଜି ଦିଲ୍ଲୀରେ ଚାଲିଥିବା ଜାତୀୟସ୍ତର ସୁଟିଂ ଚାମ୍ପିଅନସିପ ୧୦ ମିଟର ପନ୍ଦର ବର୍ଷରୁ କମ୍ ଏଆର ପିସ୍ତଲ୍ ଚାଳନା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଜାତୀୟସ୍ତର ରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ପୂର୍ବରୁ ରାଜ୍ୟସ୍ତରୀୟ ସୁଟିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳତା ପାଇଛନ୍ତି । କୋଚ୍ ଶିଭଲାଲ୍ ଦୁର୍ଗାଙ୍କ ଉଦ୍ୟମ ଓ ଛାତ୍ରୀଙ୍କ ପ୍ରଚେଷ୍ଟାରେ ସଫଳତା ପାଇ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି । ବିଦୁସ୍ମିତା କଳାହାଣ୍ଡି ଜିଲ୍ଲା ମ.ରାମପୁରର ଯୁବ ଶିଳ୍ପପତି ବିଭୁ ପ୍ରସାଦ ସାହୁ ଓ ଗୀତାଞ୍ଜଳୀ ସାହୁଙ୍କ ଜ୍ୟେଷ୍ଠ କନ୍ୟା ଅଟନ୍ତି । ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତ୍ତି, ଗତି ଓ ବିବର୍ତ୍ତନବାଦ ହିଁ ବିଜ୍ଞାନ

**ନୂଆପଡ଼ା, ୧୫ ।୧୨ (ସମିସ):** ନୂଆପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି ।ଶିଶୁ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରସ୍ତୁତ ସମୁଦାୟ ୨୩୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡ଼. ରେଶମ ଲାଲ ନାଏକ, ସମ୍ମାନିତ ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝୀ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ, ବ୍ଲକ ବିଜ୍ଞାନ ମଞ୍ଚର ସମ୍ପାଦକ ରାଧେଶ୍ୟାମ ସାହା, ସ୍ଥାନୀୟ ସାଧନ କେନ୍ଦ୍ର ସଂଯୋଜକ ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ ନିମନ୍ତେ ପଡ଼ୋଶୀ ବରଗଡ଼ ଜିଲ୍ଲା ଝାରବନ୍ଧ ଓ ପାଇକମାଲ ବ୍ଲକ ଏବଂ କୋମନା ବ୍ଲକର ୧୬ଜଣ ବିଚାରକ ଯୋଗଦେଇ ଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତରାଣୀ ଯୋଶୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ାର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ, ଗୋଷ୍ଠୀ ବିଜ୍ଞାନ ମଞ୍ଚର ସମ୍ପାଦକ ରାଧେଶ୍ୟାମ ସାହା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମିଶ୍ର ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତ୍ତି, ଗତି ଓ ବିବର୍ତ୍ତନବାଦ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭିନ୍ନସ୍ତରର ଚୟନୀତ ୧୭ଟି ପ୍ରକଳ୍ପର ଶିଶୁ ବୈଜ୍ଞାନିକଙ୍କୁ ମଞ୍ଚାସୀନ ଅତିଥିଗଣ ପୁରସ୍କୃତ କରିଥିଲେ । ଏହିସବୁ ପ୍ରକଳ୍ପ ଗୁଡ଼ିକ ଜିଲ୍ଲାସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀରେ ଭାଗ ନେବେ ।ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ବିଜ୍ଞାନ ମଞ୍ଚର ସଦସ୍ୟ ସଦସ୍ୟା, ବିଜ୍ଞାନ ଶିକ୍ଷକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ଆୟୋଜକ ବିଦ୍ୟାଳୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କାଉଟ ଏଣ୍ଡ ଗାଇଡର ଛାତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

# ଖଡିଆଳରେ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା, ୧୫ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୯୪ ଅଭିଯୋଗ ମଧ୍ୟରୁ ୮୨ଟି ବ୍ୟକ୍ତିଗତ ଓ ୧୨ ସାମୂହିକ ଅଭିଯୋଗ ରହିଥିଲା । ସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଡିଏଫଓ ଅଜିଜ ଖାନ, ଡିଏଫଓ କେଏଲଏ ମାଧବୀ ଲତା, ସିଡିଏମଓ ଡା.ଧନେଶ୍ୱର ସେଠୀ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଖଡ଼ିଆଳ ବିଡ଼ିଓ, ତହସିଲଦାର ଓ ଡେପୁଟୀ କଲେକ୍ଟର ଶେଖ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଖଡିଆଳ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଖେରୱାଲ ଜୁମିଦ ସମ୍ପ୍ରଦାୟ ପକ୍ଷରୁ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୫ ।୧୨(ସମିସ)** କଳାହାଣ୍ଡି ଜିଲ୍ଲାର ଖେରୱାଲ ଜୁମିଦ (ସାନ୍ତାଳ) ସମ୍ପ୍ରଦାୟ ପକ୍ଷରୁ ରବିବାର ଭବାନୀପଟଣା ବ୍ଲକ ଅନ୍ତର୍ଗତ ସିଆର୍‌ପିଏଫ କ୍ୟାମ୍ପ ନିକଟସ୍ଥ ବେହେରାଗୁଡ଼ା ଠାରେ ଭେଟ୍‌ଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଖେରୱାଲ ସମାଜ ପ୍ରକୃତିର ମହାନ୍ ଦେବତା 'ମାରଙ୍ଗ ବୁରୁ'ଙ୍କୁ ପୂଜା ଅର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ଅଜୟ କୁମାର ମାରାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଉପଜିଲାପାଳ ସୁର୍ମି ସୋରେନ ଯୋଗଦେଇ ଖେରୱାଲ ସମ୍ପ୍ରଦାୟର ଏକତା, ସାଂସ୍କୃତିକ, ଶୈକ୍ଷିକ ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ପ୍ରଦାୟର ଯୁବ ଗୋଷ୍ଠିମାନଙ୍କୁ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କୌତିକିଆ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ଏବଂ ପୁରୁଷ ମାନଙ୍କର ହାଣ୍ଡି ଫଟା କାର୍ଯ୍ୟକ୍ରମ ପୁରୁଷ ମାନଙ୍କର ବେଝା ଲାଖ ବିନ୍ଧା, ଛୋଟ ପିଲା ଏବଂ ମହିଳାଙ୍କର ମ୍ୟୁଜିକ୍ ଚେୟାର ଓ ସମସ୍ତ ବର୍ଗର ଲୋକଙ୍କ ପାଇଁ ସଙ୍ଗୀତ ପ୍ରତିଯୋଗିତା ଭଳି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଫଳ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଉପଜିଲ୍ଲାପାଳ ସୋରେନ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥଲେ । ଭେଟଘାଟ କାର୍ଯ୍ୟକ୍ରମରେ କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ ଓ ନୂଆପଡ଼ା ଜିଲ୍ଲାର ଖେରୱାଲ ସମ୍ପ୍ରଦାୟର ଭାଇ ଭଉଣୀ ସାମିଲ ହୋଇ ଭେଟ୍‌ଘାଟର ମଜା ନେଇଥିଲେ । ଅନୁଷ୍ଠାନର ଉପାଧ୍ୟକ୍ଷ ସୁନାରାମ ମୁର୍ମୁ, ବିଶ୍ୱନାଥ ସୋରେନ, ସିତାଲ ମୁର୍ମୁ, ମନମଥ୍ ମୁର୍ମୁ, କାହ୍ନୁ ଟୁଡ୍ଡୁ, ଧାନଚାନ୍ଦ ମାଝୀ, ଦାସମାତ ମାଝୀ, ହିମାଂଶୁ ମାଝୀ, ସାଲଖୁ ହେମ୍ବ୍ରମ, ତୁନୁ ମୁର୍ମୁ ପ୍ରମୁଖ ସଦସ୍ୟମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ପାରମ୍ପାରିକ ନୃତ୍ୟଗୀତରେ ମସଗୁଲ ହୋଇଥିଲେ ।

ସର୍ଦ୍ଦାର କୋର୍ଟ ଚାଲାଣ

# ଦାଦନ ଶ୍ରମିକ ଉଦ୍ଧାର, ବୋଲେରୋ ଜବତ



**ସିନାପାଲି, ୧୫ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଫୋରୱେ ରାସ୍ତା ଗୋଡାଲ ଛକ ଠାରୁ ପୁଣି ସିନାପାଲି ପୁଲିସ ରବିବାର ଚଢଉ କରି ଦାଦନ ଶ୍ରମିକ ଉଦ୍ଧାର କରିବା ସହ ଏକ ବୋଲେରୋ ଗାଡି ଜବତ କରି ସର୍ଦ୍ଦାରକୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ସର୍ଦ୍ଦାର ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଭରୁଆମୁଣ୍ଡା ଗ୍ରାମର ଚିତ୍ରସେନ ପୁତ । ଉଦ୍ଧାର ଦାଦନ ଶ୍ରମିକ ଭିତରୁ ୮ଜଣ ପୁରୁଷ, ୨ଜଣ ମହିଳା ଓ ଜଣେ ନାବାଳକ ରହିଥିବା ବେଳେ ଜବତ ବୋଲେରୋ ଗାଡି ନମ୍ବର ଓଡି ୩୩ଏକ୍ସ-୨୮୬୧)-। ସୁଚନା ଅନୁସାରେ ଦାଦନ ଶ୍ରମିକ -ଙ୍କୁ ବୋଲେରୋ ଗାଡି ସହାୟତାରେ ନେଇ ବସ୍ ଯୋଗେ ଅନ୍ୟରାଜ୍ୟକୁ ଦାଦନ ଶ୍ରମିକ ଭାବେ ଚାଲାଣ କରାଯାଉଥିଲା । ବିଶେଷ ସୁତ୍ରରୁ ସିନାପାଲି ପୁଲିସ ଖବର ପାଇ ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ ଟିମ୍ ଚଢଉ କରିଥିଲା । ଚଢଉ ପରେ ବୋଲେରୋ ଗାଡି ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିବା ବେଳେ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ଏନେଇ ସିନାପାଲି ଥାନାରେ କେସ୍ ନମ୍ବର ୩୭୬/୨୫ ଅନୁସାରେ ମାମଲା ରୁଜୁକରି ସର୍ଦ୍ଦାରକୁ କୋର୍ଟ ଚାଲାଣ କରାଯାଇଥିଲା । ଅଭିଯୁକ୍ତଙ୍କ ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଜୋନସ୍ତରୀୟ ୟୁନିଟ କ୍ରିକେଟ କପ୍ ଉଦ୍‌ଘାଟିତ

**ନୂଆପଡ଼ା/ଖଡ଼ିଆଳ, ୧୫ ।୧୨ (ସମିସ):** ନୂଆପଡ଼ା ଜିଲ୍ଲାପରିଷଦ ଜୋନ ନମ୍ବର ୪ର ୯ଟି ପଞ୍ଚାୟତର ୩୨ଟି ଦଳକୁ ନେଇ କ୍ରିକେଟ ଟୁର୍ନାମେଣ୍ଟ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଜୋନ ନଂ ୪ର ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଆହ୍ଲାଦିନୀ ବେହେରା, ରମେଶ ଠାକୁର, ଉମେଶ କ୍ଷତ୍ରୀ, ପୂର୍ବତନ ସାନମହେଶ୍ୱର ସରପଞ୍ଚ ଶ୍ୟାମସୁନ୍ଦର କୁଲଦୀପ ଏବଂ ଜୋନ ନମ୍ବର ୪ର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ସାନମାହେଶ୍ୱର ଏବଂ ଚଲାନପଡ଼ା ମଧ୍ୟରେ ହୋଇଥିଲା । ୧୬ରନରେ ଚଲାନପଡ଼ା ବିଜୟ ଲାଭ କରିଥଲା । ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟ ରହିଥିବା ଅତିଥିମାନେ କହିଥିଲେ ।

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ପ୍ରସ୍ତୁତି

**କଲମପୁର, ୧୫ ।୧୨(ସମିସ):** ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ପାଇଁ କଲମପୁର ବ୍ଲକ ମିଶନ ଶକ୍ତି ସଭାଗୃହରେ ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଗତବର୍ଷର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା । ଗତବର୍ଷର କମିଟିକୁ ଭାଙ୍ଗି ନୂତନ କମିଟି ଗଠନ ପାଇଁ ଉପସ୍ଥିତ ପ୍ରାୟ ସମସ୍ତ ସଦସ୍ୟଙ୍କ ମହଲରେ ଦାବି ହୋଇଥିଲା । କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ ଆୟୋଜିତ ହୋଇ ପରେ ବ୍ଲକସ୍ତରକୁ ପହଞ୍ଚିବା କଥା, କିନ୍ତୁ କଲମପୁର ଅଞ୍ଚଳରେ ଗତ ବର୍ଷ୍ର୍ ଗୋଟିଏ ପଞ୍ଚାୟତ ବ୍ୟତିତ ଅନ୍ୟ ପଞ୍ଚାୟତ ମାନେ ପଞ୍ଚାୟତସ୍ତରୀୟ ଉତ୍ସବ ପାଳନ କଲେ ନାହିଁ । ଫଳରେ କାର୍ଯ୍ୟକ୍ରମରେ ତାଳମେଳ ରହି ନ ଥିଲା । ଅନ୍ୟପକ୍ଷେ କିଛି ଲୋକ କମ ଦାମରେ ବ୍ୟବସ୍ଥିତ ସାମଗ୍ରୀ ମୁଲଚାଲ କରି ମୁନାଫା ହାସିଲ କରିଥିବା ଭଳି ଅଭିଯୋଗ ହୋଇଥିବା ବେଳେ ଯୋଜନା ଭିତ୍ତିକ ହୋଇ ନ ପାରିବା ପଛରେ କିଛି ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ବୋଲି ବୈଠକରେ କୁହାଯାଇଛି । ଏଥିରେ ମୁଖ୍ୟ କମିଟି, ଅର୍ଥ କମିଟି, ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଭଳି ବିଭିନ୍ନ କମିଟି ଗଠନ କରାଯାଇଛି । ବ୍ଲକ ପ୍ରଶାସନର ଆହ୍ୱାନକ୍ରମେ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ । କଲମପୁର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । କଲମପୁର ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଘନଶ୍ୟାମ ନାଏକ ଉତ୍ସବ ପାଳନ ତାରିଖ ଘୋଷଣା କରିଥିଲେ । ଆସନ୍ତା ଜାନୁଆରୀ ମାସ ୯, ୧୦ଓ ୧୧ତାରିଖ ତିନି ଦିନ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଆସନ୍ତା ୧୮ ତାରିଖ ଦିନ ପୁଣି ବୈଠକ ବସି ଚୁଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ବିଡ଼ିଓ ମତ ପ୍ରକାଶ କରିଛନ୍ତି ।

# କେସିଙ୍ଗାରେ ଅଭିଯୋଗ ଶୁଣାଣି ଶିବିର

**ଭବାନୀପାଟଣା, ୧୫ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୨ ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୬ଟି ଓ ସାମୂହିକ ୬ ଟି ରହିଥିବା ବେଳେ ଏଥିରେ ୪ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।ଯୁଗ୍ମଜନଶୁଣାଣି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଶୁଣାଣି କର ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଉପଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କେସିଙ୍ଗା ଜନ୍ମେଜୟ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



**କେସିଙ୍ଗା, ୧୫ ।୧୨(ସମିସ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ବ୍ଲକ ସଭାପତି ଅଭୟ କୁମାର ଦେବତାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ହେମ ସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି ଓ ରାଜେଶ କୁମାର ଅଗ୍ରୱାଲ, ରିଡର୍ ଅର୍ଥନୀତି ବିଭାଗ, କେସିଙ୍ଗା ମହାବିଦ୍ୟାଳୟ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିବା ବେଳେ ମୃତ୍ୟୁଞ୍ଜୟ ବେହେରା, ସମ୍ପାଦକ, ପ୍ରାଦେଶିକ ଓଷ୍ଟା, ସନ୍ତୋଷ ରଥ, ସଭାପତି, କଳାହାଣ୍ଡି ଜିଲ୍ଲା ଓଷ୍ଟା ଓ ଭବାନୀ ଶଙ୍କର ମିଶ୍ର, ଉପଦେଷ୍ଟା, କଳାହାଣ୍ଡି ଓଷ୍ଟା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । କେସିଙ୍ଗା ଓଷ୍ଟା ଶାଖା ସମ୍ପାଦକ ସମୀର କୁମାର ବେହେରା ପୁରସ୍କାର ବିତରଣୀ ସଭାରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ପୂର୍ବକ ବାର୍ଷିକ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଅବସରଗ୍ରହଣ କରିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ ।ଶିକ୍ଷକ ଜି.କ୍ରିଷ୍ଣା ରେଡ୍ଡୀ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅଭୟ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**କୋମନା, ୧୫ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ଅନୁଷ୍ଠିତ ହୋଇଯାଇଛି । କୋମନା



ଗୋଷ୍ଠୀ ଶିକ୍ଷାଧିକାରୀ ଅନିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦିପିକା କୌଶଲ୍ୟା ଦୀପ, ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଏବିଇଓ ରାଧାକାନ୍ତ ତାଣ୍ଡି, ଓ ବଳମତ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ସାମ୍ବାଦିକ ମାୟାଧର ସରାଫ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ୧୭ଟି କ୍ଲଷ୍ଟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍‌ଯାପନୀ ଉତ୍ସବ ପ୍ରତିଯୋଗିତାରେ କୃତୀ ଲାଭ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଦେଇ ଅତିଥି ବୃନ୍ଦ ସମ୍ମାନିତ କରିଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଗୌରଚନ୍ଦ୍ର ରଣା, ଭୁପିନ୍ଦ୍ର ଖମାରୀ, ପରଶରାମ ଅହିର, ସମେତ ସମସ୍ତ ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଫିସ ଷ୍ଟାଫ୍ ସହଯୋଗ କରିଥିଲେ ।

ସିଙ୍ଗଝର ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ କ୍ୱାର୍ଟର ଫାଇନାଲରେ ବାଲିଗୁଡ଼ା ବିଜୟୀ

**ସିନାପାଲି, ୧୫ ।୧୨ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ସିଙ୍ଗଝର ବୁଢ଼ାରଜା କ୍ରିକେଟ ପ୍ରତିଯୋଗିତା ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ସିନାପାଲି ଏକାଦଶକୁ ହରାଇ ବାଲିଗୁଡ଼ା ବିଜୟୀ ହୋଇଛି । ପ୍ରଥମେ ସିନାପାଲି ଏକାଦଶ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ପାଇଁ ବାଲିଗୁଡ଼ାକୁ ଆମନ୍ତ୍ରଣ କରିଥିଲା । ବାଲିଗୁଡ଼ା ଏକାଦଶ ୨୦ଓଭରରେ ୭ ୱିକେଟ ହରାଇ ୨୬୫ ରନ ସଂଗ୍ରହ କରିଥିଲା । ଜବାବରେ ସିନାପାଲି ଏକାଦଶ ୭ ୱିକେଟ ହରାଇ ନିର୍ଦ୍ଧାରିତ ୨୦ଓଭରରେ ୨୦୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ବାଲିଗୁଡ଼ା ଏକାଦଶ ର ବିକାଶ ମହାରଣା ୧୦୦ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ । ଆଜିକାର ଅତିଥି ଭାବରେ ଜିଲ୍ଲାପରିଷଦ ସଦସ୍ୟ ପୁଷ୍ପାଞ୍ଜଳି ଗୁଆଲ, ଅନ୍ୟତମ ଜିଲ୍ଲାପରିଷଦ ସଦସ୍ୟ ଆଶା ଜୈନ ନୂଆମାଲପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗଣେଷ ପୋଢ଼, ଗୌରୀ ଶଙ୍କର ମାଝି, ସମେତ ଅନେକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଭସ୍ୟକାର ଭାବରେ ପ୍ରକାଶ ପାତ୍ର, ଭୀମରାଜ ତାଣ୍ଡି, ନରୋତ୍ତମ ସିନା ରହିଥିବା ବେଳେ ଅନେକ ସହଯୋଗ କରିଥିଲେ ।



